# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗକଲେ ଗ୍ରାମବାସୀ

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଦୁର୍ନୀତି ଅଭିଯୋଗ

ରାୟଗଡ଼ା, ୧୮।୧(ଭାଗ୍ୟଶ୍ରୀ ମିଶ୍ର)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ରାୟଗଡ଼ା ଜିଲା ସଦର ବ୍ଲକ ଗୁମ୍ମା ପଞ୍ଚାୟତ ରାଇକଣା ଗ୍ରାମବାସୀ ଶନିବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ କରିବାକୁ କଂଗ୍ରେସ ପଞ୍ଚାୟତ ସଭାପତି ହରିଶଚନ୍ଦ୍ର ମହାନନ୍ଦିଆ, ପ୍ରେମ କୌଶଲ୍ୟା, ସିଦ୍ଧାନ୍ତ ବିଡ଼ିକା, ଜଗନ୍ନାଥ ନାଗ, କେଶବ ପେପୁକା, ବାସ୍ତମା ମିଣିଆକା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଗାଁକୁ ରାସ୍ତା ତିଆରି କରିବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଘଟଣାର ତଦନ୍ତ କରାଯିବା ସହ ଗାଁକୁ କିପରି ରାସ୍ତା ହେବ ସେ ଦିଗରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

୨୦୨୧ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଏନ୍‌ଏଚ୍ ୩୨୬ରୁ ଭଙ୍ଗାଖାଲ, ରାଇକଣା, ସିରିନ୍ଦିବାଡ଼ ଗ୍ରାମ ରାସ୍ତା ପାଇଁ ଟେଣ୍ଡର ହୋଇଥିଲା। ଏ ନେଇ ଅନୁଦାନ ମଧ୍ୟ ମିଳିଥିଲା। କେବଳ ଭଙ୍ଗାଖାଲ ଗ୍ରାମରେ ଥିବା ଭଲ ରାସ୍ତା ଉପରେ ପିଚୁ ମାରି ବିଭାଗ ୩ ଟି ଗ୍ରାମରେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଥିବା ନେଇ ଭଙ୍ଗାଖାଲରେ ସରକାରୀ ସ୍ତରରେ ଏକ ବୋର୍ଡ ଲଗାଇଛି। ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ରାଇକଣା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା କରିବାକୁ ସରକାର ଅନୁଦାନ ମିଳିଥିଲା। କିନ୍ତୁ ସେହି କାମ କରାଯାଇନି। କେବଳ ୬ କିମି ରାସ୍ତା ଗ୍ରାମ ଭଙ୍ଗାଖାଲରେ କରାଯାଇଛି। ଅନ୍ୟ ୨ ଟି ଗ୍ରାମକୁ ଏଥିରୁ ବାଦ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଅନେକ ଥର ଗ୍ରାମ୍ୟ ଉନ୍ନୟନ ବିଭଗ ଅଧିକାରୀ, ସରପଞ୍ଚ, ଜିଲା ପରିଷଦ ଏବଂ ପୂର୍ବତନ ଜିଲାପାଳଙ୍କୁ ଜଣାଇଥିଲେ ସୁଫଳ ମିଳିନି ବୋଲି ସିରିନ୍ଧାବାଡ଼ି ଏବଂ ରାଇକଣାବାସୀ କହିଛନ୍ତି। କାମ କରାଯାଇଥିବା କହି ବିଭାଗୀୟ ଅଧିକାରୀ ବିଲ ପାସ୍ କରି ଅର୍ଥ ଆତ୍ମସାତ୍ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଟେଣ୍ଡର କାମକୁ ରାଇକଣାରେ କରା ନ ଯାଇ ତଳଗୁମ୍ମାରେ କାହିଁକି କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୨୦୨୨ରେ ଏନେଇ ପ୍ରଶ୍ନ କରିଥିଲେ। ୩ ମାସ ସମୟ ଦେଲେ ରାସ୍ତା କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରିଲା ନାହିଁ। ୫୦୦ରୁ ଊର୍ଦ୍ଧ୍ୱ ପରିବାର ଗାଁରେ ରହୁଥିବା ବେଳେ ଏଠାରେ ଏକ ପକ୍କା ରାସ୍ତା ନାହିଁ। ଯାହାକି ଦୁଃଖଦାୟକ ବୋଲି ଗ୍ରାମବାସୀ କହିଛନ୍ତି। ଲୋକଙ୍କ ଅଭିଯୋଗ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମହେନ୍ଦ୍ର କାଲେଠଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ। ପର୍ଯ୍ୟାୟ କ୍ରମେ ଟଙ୍କା ଆସେ। ଉକ୍ତ ଟଙ୍କା କଣ ହୋଇଛି ମୁଁ ଜାଣିନି ବୋଲି ସେ କହିଛନ୍ତି।

# ନବୋଦୟ ପ୍ରବେଶିକା ପରୀକ୍ଷାରେ ୩୩ ଅନୁପସ୍ଥିତ


କେନ୍ଦ୍ରକୁ ପରୀକ୍ଷାର୍ଥୀ ପ୍ରବେଶ କରୁଛନ୍ତି।

ଗୁଡାରି, ୧୮।୧ (ପ୍ରମୋଦ କୁମାର ପତି)

ଗୁଡାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ୬ଷ୍ଠ ଶ୍ରେଣୀର ନାମ ଲେଖାଇବା ନିମନ୍ତେ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୨୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୦ପରୀକ୍ଷା ଦେଇଥିବା ବେଳେ ୩୩ ଅନୁପସ୍ଥିତ ଥିଲେ। କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ନିମନ୍ତେ ୧୩ କକ୍ଷରେ ପରୀକ୍ଷା ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଶବର ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇ ଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଙ୍ଗୁଡା ରୂପମାଝୀ ନିୟୋଜିତ ଥିଲେ। ନବୋଦୟ ବିଦ୍ୟାଳୟର ବିଭାଗୀୟ ସିଏଲଓ ବିଜେଇତା ସାଇନି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ପରୀକ୍ଷା କେନ୍ଦ୍ରରେ ହୋମ ଗାର୍ଡ ନିୟୋଜିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଗୁଣପୁର,୧୮।୧
(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଆଦର୍ଶ ଥାନା ଅନ୍ତର୍ଗତ ଶବର ବିହାର ଅଞ୍ଚଳର ଯୁବକ ନିଖିଲି ଶବର(୨୨)ଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ନିଖିଲ ଓ ତାଙ୍କ ପରିବାର ମଧ୍ୟରେ ଅଶାନ୍ତି ଲାଗିଥିବାରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନିଖିଲଙ୍କ ନାମରେ ଗୁଣପୁର ଓ ଅନ୍ୟାନ୍ୟ ଥାନାରେ ବିଭିନ୍ନ ଚୋରି ମାମଲା ରହିଥିବା ବେଳେ ସେ ଜାମିନରେ ଆସିଥିଲେ। ଗୁଣପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।


ରାୟଗଡ଼ା ଜିଲା ଗୁମ୍ମା ଘାଟିରେ ଶନିବାର ଅପରାହ୍ନ ୫.୩୦ରେ ଏକ ଟ୍ରକ୍ ରାସ୍ତା ମଝିରେ ଖରାପ ହୋଇ ଯିବାରୁ ରାୟଗଡ଼ା– କୋରାପୁଟ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉକ୍ତ ରାସ୍ତାରେ ଶତାଧିକ ଗାଡ଼ି ଅଟକି ରହିଛି। (ଫଟୋ– ଆଶିଷ ରଞ୍ଜନ ପଣ୍ଡା)

# ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଚନ୍ଦ୍ରପୁର, ୧୮।୧(ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ କୁନା ପ୍ରଧାନ ସେଣ୍ଟର ପରିଦର୍ଶକ ଓ ଚନ୍ଦ୍ରପୁର ବିଇଓ ଗଣେଶ ଶବର ସେଣ୍ଟର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ୧୮୬ ଜଣ ଛାତ୍ରୀଛାତ୍ର ନାମ ପଞ୍ଜିକରଣ କରିଥିବାବେଳେ ୧୬୦ ଜଣ ପରୀକ୍ଷା ଦେଇଥିଲେ। ୨୬ ଜଣ ଅନୁପସ୍ଥିତ ଥିଲେ। ଏବିଇଓ ଉମାକାନ୍ତ ମିଶାଲ, ଆକାଉଣ୍ଟାଣ୍ଟ ବାସୁଦେବ ସାହୁକାର ଓ ଉକ୍ତ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।


ପରୀକ୍ଷା କେନ୍ଦ୍ର ବାହାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# କେନ୍ଦୁଗୁଡ଼ା ଡ୍ୟାମ୍‌ରେ ୧୭ ବିଭିନ୍ନ ପ୍ରଜାତିର ପକ୍ଷୀ


ପକ୍ଷୀ ଗଣନା ରେ ଉପସ୍ଥିତ ଅଧିକାରୀ।

ଗୁଡାରି, ୧୮।୧(ପ୍ରମୋଦ କୁମାର ପତି )

ରାୟଗଡା ଜିଲା ଗୁଡ଼ାରୀ ବନବିଭାଗ ପକ୍ଷରୁ ରେଞ୍ଜ ଅନ୍ତର୍ଗତ କେନ୍ଦୁଗୁଡା ସେକ୍ସନର କେନ୍ଦୁଗୁଡା ଡ୍ୟାମରେ ଶନିବାର ପକ୍ଷୀ ଗଣନା କରାଯାଇଥିଲା। ଏଥିରେ ଗୁଣୁପୁର ଉପଜିଲାପାଳ କିରନଦୀପ କୌର ସାହୋଟା ଉପସ୍ଥିତ ଥିବା ବେଳେ ଡିଏଫ୍‌ଓ ସଚିନ ଆନ୍ନା ସାହେବ ଓହଳ, ଦୁଇ ଏସିଏଫ୍ ସନ୍ଦୀପ ପୃଷ୍ଟି ଓ ସତୀଶ କୁମାର ଧାରୁଆ ଓ ରେଞ୍ଜର ଦିଲୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ପାଇଁ ୨୦ ଜଣିଆ ଟିମ୍ ଗଠନ କରାଯାଇଥିଲା। ଡ୍ୟାମର ଚତୁଃପାର୍ଶ୍ୱର ପ୍ରାୟ ୧୨ ରୁ ୧୫ କି.ମି.ବୁଲିବା ସମୟରେ ମାଛରଙ୍କା, ଚିତ୍ରା, ଗେଣ୍ଡାଳିଆ, ପିଲି ବଗୁଲୀ ଭଳି ୧୭ ଟି ବିଭିନ୍ନ ପ୍ରଜାତିର ପ୍ରାୟ ୯୮୧ ରୁ ଊର୍ଦ୍ଧ୍ୱ ପକ୍ଷୀ ଦେଖିବାକୁ ମିଳିଥିଲା। ଗଣନା ପାଇଁ କ୍ୟାମେରା, ବାଇନାକୁଲାର ଓ ଲାଇଫ ଜାକେଟ୍ ସହ ୪ ମତ୍ସ୍ୟଜୀବୀ ଡଙ୍ଗା ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡାରି ରେଞ୍ଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଥମ ଦିନରେ ୨୫ ଦଳ ସାମିଲ

## ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଘାଟିତ

ଗୁଣପୁର,୧୮।୧(ପ୍ରଦୀପ କୁମାର ପାଢ଼ୀ)

ତ୍ରୟୋଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଶନିବାର ଗୁଣପୁର ବାଘୁଆ ଦେଉଳ ପରିସରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହବ। ପ୍ରଥମ ଦିନରେ ୨୫ଟି ଦଳ ଭାଗ ନେଇଥିଲେ। ଆଇଆର୍‌ବିଏନ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ କଳା ପରିଷଦ ସଭାପତି କୈଳାସ ଦାସ, ନବ ନିର୍ମାଣ ସମିତି ଉପସଭାପତି ଉମା ଦାସ, ସମ୍ପାଦକ ରଞ୍ଜିତ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ। ବିଚାରକଭାବେ ଅବସରପ୍ରାପ୍ତ ଶିକ୍ଷକ ହରୀ ଗୌଡ଼, ଲିନା ଚାନ୍ଦ ଓ ପୂଜା ଗୌଡ଼ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦିଲ୍ଲୀପ ଚୌଧୁରୀ, ନିଖିଲ ପାଢ଼ି ଓ ଦୁର୍ଗା ପାଣିଗ୍ରାହୀ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

# ଅପହୃତ ମହିଳା ଉଦ୍ଧାର

ଦିଗପହଣ୍ଡି,୧୮।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି–ଚିକିଟି ମୁଖ୍ୟରାସ୍ତା ଗୁପ୍ତେଶ୍ୱର ଶୈବପୀଠ ନିକଟ ରସ ଫ୍ୟାକ୍ଟ୍ରି ନିକଟରୁ ଜଣେ ବିବାହିତାଙ୍କୁ ଜବରଦସ୍ତ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମହିଳା ଜଣକ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରୟସେ ଫ୍ୟାକ୍ଟ୍ରିରେ କାମସାରି ଗତ ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବୁଗୁଡ଼ା ପଲ୍ଲୀ ଗ୍ରାମର ବନମାଳୀ ଦାସ ଏବଂ ତାଙ୍କ ୩ ସହଯୋଗୀ ମହିଳାଙ୍କୁ ଅପହରଣ କରିଥିବା ନେଇ ତାଙ୍କ ଝିଅ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ପ୍ରଶାନ୍ତ ପାତ୍ର ଥାନା ମାମଲା ନଂ.୩୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ଏସଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଅଭିଯୁକ୍ତ ଜଣକ ତାଙ୍କ ପଦ୍ମନାଭପୁର ଘରକୁ ଆସି ତାଙ୍କ ମା' ଓ ଭାଇଙ୍କୁ ହତ୍ୟା ଧମକ ଦେଇଥିଲେ। ପ୍ରାୟ ୧ ସପ୍ତାହ ହେଲା ଅଭିଯୁକ୍ତ ତାଙ୍କ ମାଆଙ୍କୁ ରସ ଫ୍ୟାକ୍ଟ୍ରି ନିକଟରେ ରହି ପିଛା କରୁଥିଲେ। ଅଭିଯୁକ୍ତ ତାଙ୍କୁ ଫୋନ କରି ତାଙ୍କ ମା'ଙ୍କୁ କଲିକତା ନେଇ ଯାଉଛୁ। ୧୫ ଦିନ ପରେ ତାଙ୍କୁ ଛଡ଼ାଯିବ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଥିଲା। ତଦନ୍ତକାରୀ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରି ଶେଷରେ କେ.ନୂଆଗାଁ ଥାନା ଖମାରି ଗାଁ ଅଞ୍ଚଳରୁ ଅପହୃତ ମହିଳାଙ୍କୁ ଉଦ୍ଧାର କରାଯାଇଛି।

# ମେଗା ସ୍ୱାସ୍ଥ୍ୟ ଶିବିର

ଜେକେପୁର,୧୮।୧(ରାଜେଶ୍ ବିଶ୍ୱାଳ)

ରାୟଗଡା ବ୍ଲକ ଇଏସ୍‌ଆଇ ଜେକେପୁର ଶାଖା ପକ୍ଷରୁ ଶନିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦୦ ରୋଗୀଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିର ରେ ବିଜୟନଗରମ୍ ଏମ୍‌ଆଇଏମ୍‌ଏସ୍ ଡା.ଟି. ମାଲେଶ୍ୱର କୁମାର, ଅସ୍ଥି ଶଲ୍ୟ ବିଭାଗ ଡା. ପି.ପ୍ରଦୀପ ଓ ଅନ୍ତଃସ୍ରାବି ବିଭାଗ ଡା.ଜି. ଶ୍ରୀନିବାସ ସୁଶିଲ, ଆନ୍ଧ୍ର ପ୍ରଦେଶ କେଆଇଏମ୍‌ଏସ୍ ହସ୍ପିଟାଲ ରିମାଟୋଲୋଜିଷ୍ଟ ଡା. ପି. ପ୍ରସନ୍ନ କୁମାର ଓ ହୃଦ୍‌ରୋଗ ବିଶେଷଜ୍ଞ ଡା.ଗଣେଶ କାଶୀ ନାଧୂନି ଏବଂ କଟକ ପଣ୍ଡା କର୍କଟ ରୋଗ ହସ୍ପିଟାଲ ଓଙ୍କୋଲଜୀ ଡା.ପ୍ରସନ୍ନ କୁମାର ପରିଡ଼ା ଯୋଗ ଦେଇଥିଲେ। ତାଇରୋ ଲ୍ୟାବ୍ ରାୟଗଡା ସହ ମିଳିତ ଭାବେ ଇଏସ୍‌ଆଇ ତରଫରୁ ବିଭିନ୍ନ ରକ୍ତ ନମୂନା ପରୀକ୍ଷା କରାଯାଇଥିଲା। ଅନେଗୁଡ଼ିଏ ରକ୍ତ ନମୂନା ବାହାରକୁ ମଧ୍ୟ ପଠାଯାଇଛି। ଏମ୍‌ଆଇଏମ୍‌ଏସ୍ ମେଡ଼ିକାଲ କଲେଜ, ବିଜୟନଗରମ୍ ହସ୍ପିଟାଲ ଏବଂ ଜେକେପୁର ବାଲାଜୀ ମେଡ଼ିକାଲ ତରଫରୁ ଔଷଧ ବିତରଣ କରାଯାଇଥିଲା। ଇଏସ୍‌ଆଇ ଜେକେପୁର ଶାଖାରେ ବିଗତ ଅନେକ ବର୍ଷରୁ ମାତ୍ର ୩ ଜଣ ଡାକ୍ତର ଥିବାରୁ ଇଏସ ଆଇ କାର୍ଡ ଧାରୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଥିଲା। ଇଏସଆଇ ଜେକେପୁର ଶାଖା ସୁପରିଣ୍ଟେଣ୍ଡେଣ୍ଟ ତଥା ଯୁଗ୍ମ ନିର୍ଦ୍ଦେଶକ ଡା.ବିରଞ୍ଚି ପଣ୍ଡାଙ୍କର ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି।




# ଶୋଚନୀୟ ଅବସ୍ଥାରେ ଗୋକୁଳମୁଣ୍ଡା ମଶାଣି


ମଶାଣିରେ ଗଦା ହୋଇଥିବା ଆବର୍ଜନା।

ଟିକିରି, ୧୮।୧
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଗୋକୁଳମୁଣ୍ଡାରେ ଥିବା ମଶାଣି ଶୋଚନୀୟ ଅବସ୍ଥାରେ ରହିଛି। ସେଠାକୁ ଯିବାପାଇଁ ରାସ୍ତା କିମ୍ବା ମୃତଦେହ ଦାହ ପାଇଁ ଭଲ ଯାଗାଟିଏ ମଧ୍ୟ ନାହିଁ। ଏହାର ଚତୁଃପାର୍ଶ୍ୱ ଜଙ୍ଗଲ ହୋଇ ରହିଥିବା ବେଳେ ଭିତରକୁ ଯିବାପାଇଁ ମଧ୍ୟ ଲୋକେ ଡରୁଛନ୍ତି। ଅନ୍ୟ ପକ୍ଷରେ ମୃତଦେହ ଦାହ ପରେ ଗାଧେଇବା ପାଇଁ ମଧ୍ୟ କୌଣସି ସୁବିଧା ନାହିଁ। ଫଳରେ ଦାହ ପରେ କିଛି ଦୂରରେ ରହିଛି ପୋଖରୀ। ସେଠାରେ ଗାଧେଇ ଘରକୁ ଯାଉଥିବା ଦେଖିବାକୁ ମିଳିଛି। ବର୍ଷା ଋତୁରେ ଦାହ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ଅନ୍ୟ ପକ୍ଷରେ ମଶାଣି ପାଖକୁ ଯିବା ସମୟରେ ଗନ୍ଧରେ ନାକ ଫାଟି ପଡୁଛି। ଏହା କାରଣ ମଶାଣିର ପାଚେରି ନ ଥିବାବେଳେ ପାଖରେ ମଲା ଗୋରୁ ସହ ଟିକିରିରେ ଯେଉଁ ଚିକେନ କିମ୍ବା ମାଛ ଦୋକାନ ରହିଛି ସେଥିରୁ ବାହାରୁଥିବା ଅଦରକାରୀ ଜିନିଷ ସବୁ ଆଣି ପକାଇ ଥାଆନ୍ତି। ଫଳରେ ମସାଣିକୁ ଯିବା ସମୟରେ ମୁହଁରେ ଗାମୁଛା ବାନ୍ଧି ଭିତରକୁ ଯାଉଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# କୋରାପୁଟ ଡିଭିଜନର ୬ ରେଞ୍ଜରେ ୫୪୧୩ ପକ୍ଷୀ ଚିହ୍ନଟ

## ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା

କୋରାପୁଟ/ବୈପାରୀଗୁଡ଼ା,୧୮।୧ (ଅମିତାଭ ବେହେରା/କଳ୍ପତରୁ ମହାନ୍ତି)

କୋରାପୁଟ ବନଖଣ୍ଡ ଅଧିନରେ ଥିବା ୬ ରେଞ୍ଜରେ ବିଭାଗ ପକ୍ଷରୁ ଶନିବାର ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଥିବା ବେଳେ ମୋଟ ୫୪୧୩ ପକ୍ଷୀ ଚିହ୍ନଟ କରାଯାଇଛି। କୋରାପୁଟ ରେଞ୍ଜରେ ୧୮ ପ୍ରକାରର ୨୦୧୨ ପକ୍ଷୀ, ବାଲଡା ରେଞ୍ଜରେ ୨୬ ପ୍ରକାରର ୧୮୫୬ ପକ୍ଷୀ, ନାରାୟଣପାଟଣାରେ ୧୩ ପ୍ରକାରର ୬୧୧ ପକ୍ଷୀ, ଲମତାପୁଟ ରେଞ୍ଜରେ ୧୪ ପ୍ରକାରର ମୋଟ ୪୬୭ ପକ୍ଷୀ,ସେମିଳିଗୁଡ଼ା ରେଞ୍ଜରେ ୧୦ ପ୍ରକାରର ମୋଟ ୪୦୩ ପକ୍ଷୀ ଓ ଲକ୍ଷ୍ମୀପୁର ରେଞ୍ଜରେ ୩ ପ୍ରକାରର ମୋଟ ୬୪ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଗଣନାରେ ୨୫ ଟିମ୍ ସାମିଲ ଥିଲେ। ସେଥିରୁ କୋରାପୁଟ ରେଞ୍ଜରେ ୫ ଟିମ୍, ସେମିଳିଗୁଡାରେ ୬ ଟିମ୍, ନାରାୟଣପାଟଣାରେ ୪ ଟିମ, ଲକ୍ଷ୍ମୀପୁରରେ ୨ ଟିମ୍, ଲମତାପୁଟରେ ୫ ଟିମ୍ ଓ ବାଲଡାରେ ୩ ଟିମ୍ ପକ୍ଷୀ ଗଣନାରେ ସାମିଲ ରହିଥିଲେ। ଟିମ୍‌ରେ ଜଣେ ଲେଖାଏ ଫରେଷ୍ଟର, ଫରେଷ୍ଟ ଗାର୍ଡ, ୩ ଜଣ ପାରାଫରେଷ୍ଟ କର୍ମଚାରୀ ଓ ଜଣେ ଗଣନାକାରୀଙ୍କ ସହ କ୍ୟାମେରା, ବାଇନାକୁଲର, ଜିପିଏସ କ୍ୟାମେରା ଏବଂ ଜରୁରୀକାଳୀନ ଖାଦ୍ୟ ନେଇ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଥିବା କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ ସୂଚନା ଦେଇଛନ୍ତି।

ସେହିପରି ବୈପାରୀଗୁଡ଼ା ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଛି। ଏଥିରେ ବିଭିନ୍ନ ପ୍ରଜାତିର ପ୍ରାୟ ୪୮୦ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିଲା। ଗେଣ୍ଡାଳିଆ, ଛୋଟ ବଗ,କାଣ୍ଡି ବଗ,ଗୋଠ ବଗୁଲି,କଜଳପାତି,ଛୋଟ ପାଣିକୁଆ,ବଣି ଓ ଛୋଟ ମାଛରଙ୍କା ଆଦି ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଛନ୍ତି। ଗଣନା ପାଇଁ ବନ କର୍ମଚାରୀଙ୍କୁ ଟିମ୍ କରାଯାଇ ବନାଞ୍ଚଳରେ ଘଷର୍ଡା, ନୂଆ ଘଷର୍ଡା, କୋଟା,ଝଡଙ୍ଗା,ଦିଗାପୁର ଓ ଘିଉରି ଆଦି ସ୍ଥାନରେ ଥିବା ସ୍ଥାୟୀ ଜଳାଶ୍ରୟରେ ଏସବୁ ପକ୍ଷୀ ଗଣନା କରାଯାଇଥିବା ବନ ବିଭାଗ ଅଧିକାରୀ ସନ୍ଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ବନ ବିଭାଗର ଅଧିକାରୀମାନେ ପକ୍ଷୀ ଚିହ୍ନଟ କରୁଛନ୍ତି।

## ସଂକ୍ଷେପରେ

### ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ



ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ଜୟପୁର ପାୱାର ହାଉସ୍ କଲୋନୀସ୍ଥିତ ଟିପିଏସ୍‌ଓଡିଏଲ ଗ୍ରାହକ ସେବା କେନ୍ଦ୍ରରେ ଜୟପୁର ବିଦ୍ୟୁତ ମଣ୍ଡଳ ଅଧିନ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସର୍କଲ୍ ହେଡ୍ ମନ୍ମଥ ନାଥ ମିଶ୍ର ଓ ନିର୍ବାହୀଯନ୍ତ୍ରୀ ବରୁଣ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଥିରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌମ୍ୟ ରଞ୍ଜନ ଲେଙ୍କା, ସୁରଜିତ୍ ସ୍ୱାଇଁ, ଜୀବନଜ୍ୟୋତି ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି ଓ ଆଲୋକ କୁମାର ନାୟକ ସହଯୋଗ କରିଥିଲେ। ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଡ. ସୂର୍ଯ୍ୟ ଶେଖର ମିଶ୍ର, ନାଥାନିୟଲ ଡାନି, ଅଭୟ ଚରଣ ପଣ୍ଡା, ହେମାଙ୍ଗିନୀ ପଣ୍ଡା ଓ ପ୍ରମୋଦ କୁମାର ରାଉଳ ସହଯୋଗ କରିଥିଲେ। ଟିପିଏସ୍‌ଓଡିଏଲ୍‌ର କର୍ମଚାରୀ ବିଶ୍ୱଜିତ୍ ମେଣ୍ଡୁଲି,ସନ୍ତୋଷ ପୃଷ୍ଟି, ପ୍ରମୋଦ କୁମାର ବେହେରା, ସୁଶିଲ କୁମାର ନାୟକ, ରାଜ୍ କୁମାର,ଦିଲ୍ଲିପ୍ କୁମାର ଶତପଥି,ଚାଣକ୍ୟ ହାଜାରିକା,ଆଶିଷ ତିୱାରି ଓ ରୋଶନ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ।

### ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ଏବଂ ବ୍ଲକ୍ ପ୍ରଶାସନର ମିଳିତ ଉଦ୍ୟମରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ବିପିଏମ୍ ନମିତା ତ୍ରିପାଠୀ



ଉପସ୍ଥିତ ଥିଲେ। ଶିବିରରେ ସ୍ୱଳ୍ପକାଳୀନ ଓ ଦୀର୍ଘ ମିଆଦୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ ହୋଇଥିଲା। ଜୟପୁର ବ୍ଲକର ୨୨ ପଞ୍ଚାୟତର ଶିକ୍ଷିତ ଯୁବତୀ ଯୁବକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୮୨ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଜିଲା ମାଧ୍ୟମରେ ଚାଲିଥିବା ସିଲେଇ ମେସିନ ଅପରେଟର, ଜୁନିୟର ସଫ୍ଟୱେର ଡେଫଲପର, ଫିଟରସ ମାଇନିଂ ମେକାନିକ ଓ ମୋବାଇଲ ରିପିୟାରିଂ ତାଲିମ ଦିଆଯାଇଥିଲା।

### ଟାଙ୍କୁଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଟାଙ୍କୁଗୁଡା ଜଙ୍ଗଲରେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ୨୩ ଶହ ଲିଟର ପୋଚ ଓ ୮୯ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଥିବା ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ମାନ୍ୟମକୋଣ୍ଡା,ପୋଲ୍ଲୁର ବଡ଼ଯାତ୍ରା ପ୍ରସ୍ତୁତି ସମୀକ୍ଷାକଲେ ଜିଲାପାଳ



ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଓ ଅନ୍ୟମାନେ ଯାତ୍ରା ସମ୍ପର୍କରେ ଆଲୋଚନା କରୁଛନ୍ତି ।

କାଲିମେଳା, ୧୮।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲାର ଗଣପର୍ବ ବଡଯାତ୍ରା ଫେବୃଆରୀ ୧୧ରୁ ଆରମ୍ଭହେବ । ଏହି ବଡଯାତ୍ରା ପ୍ରତି ୨ ବର୍ଷରେ ଥରେ ହୋଇଥାଏ। ଏହି ଯାତ୍ରାରେ ପ୍ରଭୁ କାନମ ରାଜୁ, ବାଲ ରାଜୁ, ପୋତ ରାଜୁ ଓ ମା ମୁତ୍ୟାଲୁ ଅମ୍ମା ପୂଜା ପାଇଥାନ୍ତି। ଯାତ୍ରା ସୁରଖୁରରେ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ପୋଲେରୁ ଓ ମାଲକାନଗିରି ଜିଲାସଦର ମହକୁମାରେ ଭକ୍ତମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇ ବଡଯାତ୍ରା ଶାନ୍ତିଶୃଙ୍ଖଳାର ସହିତ କିପରି ସରିବ ସେଥିପ୍ରତି ବୈଠକରେ ଯାତ୍ରା କମିଟି ଓ ଅନ୍ୟାନ ବୁଦ୍ଧିଜୀବୀଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଇଛି। ତେବେ ବଡଯାତ୍ରା ପ୍ରସ୍ତୁତି କିପରି ରହିଛି ସେ ନେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଶନିବାର କାଲିମେଳା ବ୍ଲକରେ ବିଡିଓଙ୍କ ସହ ଆଲୋଚନା କରି ଠାକୁରଙ୍କ ବାସସ୍ଥାନ ମାନ୍ୟମକୋଣ୍ଡା ଓ ପୋଲୁର ଯାଇ ଯାତ୍ରା ପରିଚାଳନା ସମୀକ୍ଷା କରିଛନ୍ତି।

ସମୀକ୍ଷା ସମୟରେ ଜିଲାପାଳଙ୍କ ସମେତ ବିଡିଓ ପ୍ରଦୀପ କର, ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ, ମାଲକାନଗିରି ତହସିଲଦାର, କାଲିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି, ମାନ୍ୟମକୋଣ୍ଡା ପୂର୍ବତନ ସରପଞ୍ଚ ହରି ଗୋଲରି ପ୍ରମୁଖ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

ଏହି ଯାତ୍ରା ଫେବ୍ରୁଆରି ୧୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୨ ଅର୍ଥାତ ଏକମାସ ଧରି ଚାଲିବ । ଆନ୍ଧ୍ରପ୍ରଦେଶ ପୋଲେରୁ ନଦୀରେ ନୌକାବିହାର ଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପାଇଁ ନଦୀପାର ହେବାକୁ ସ୍ୱତନ୍ତ୍ର ବାରିକେଟ ବ୍ୟବସ୍ଥା, ପାନୀୟ ଜଳ, ପ୍ରସାଦ, ରହିବାର ସହିତ ପୂଜା ମଣ୍ଡପଗୁଡିକରେ ଆଲୋକ ଆଦି ବ୍ୟବସ୍ଥା କରିବା ନେଇ ଜିଲାପାଳ ସମୀକ୍ଷା କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋରାପୁଟ,୧୮।୧ (ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ତାଲିମ ନେଇଥିଲେ। ମହାବିଦ୍ୟାଳୟର ପୂର୍ବତନ ୨ ଛାତ୍ରୀ ସଞ୍ଜନା ପଟ୍ଟନାୟକ ଓ ମଲ୍ଲିକା ଭୁମିଆ ମାଷ୍ଟର ଟ୍ରେନର ଭାବେ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଭାରପ୍ରାପ୍ତ ଅଧିକାରୀ ସୁଜାତା ଷଡଙ୍ଗୀ, ମୁଖ୍ୟ ଅତିଥି ସରକାରୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ତଥା ଆତ୍ମସୁରକ୍ଷା ତାଲମ ଭାରପ୍ରାପ୍ତ ଅଧିକାରୀ କାଞ୍ଚନ ତାଣ୍ଡୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶ ସହ ଆତ୍ମବିଶ୍ୱାସ ମଧ୍ୟ ବିକଶିତ ହୋଇପାରିବ ବୋଲି ଅତିଥି କହିଥିଲେ। ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟାପିକା ସୁମନ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅର୍ଜୁନ ଚରଣ ବେହେରା ଓ ରାଜିନ୍ଦ୍ର ବରିହା ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

# ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ମାଣିକ୍ୟପୁରର ଅମରେଶ କୁମାର ପ୍ରଧାନ (୩୧)। ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ପରେ ବିବାହ କରିବାକୁ ମନା କରି ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତ।

# କୋରାପୁଟ ପ୍ରେସ୍ କ୍ଲବ୍‌ର ସଫେଇ ବାର୍ତ୍ତା

କୋରାପୁଟ,୧୮।୧ (ଅମିତାଭ ବେହେରା)

କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ପୁଞ୍ଜିସିଲ ଜଳପ୍ରପାତରେ ଏକ ବନ୍ଧୁମିଳନ ଅନୁଷ୍ଠିତ କରାଯାଇ ପର୍ଯ୍ୟଟନସ୍ଥଳୀକୁ ସଫା କରିବାକୁ ବାର୍ତ୍ତା ଦିଆଯାଇଛି। ଏଥିରେ




କୋରାପୁଟ ପ୍ରେସ୍ କ୍ଲବର ସଭାପତି ଭବାନୀ ଶଙ୍କର ମିଶ୍ର ଓ ସମ୍ପାଦକ ଅମିତାଭ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଖବରଦାତା ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ପୁଞ୍ଜିସିଲ ଜଳପ୍ରପାତ ଅଞ୍ଚଳରେ ଏକ ପ୍ରକାର ଅପରିଷ୍କାର ପରିବେଶ ସୃଷ୍ଟି ହୋଇଥିବାରୁ ବଣଭୋଜି ପରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସଫେଇ କାର୍ଯ୍ୟ କରିଥିଲେ। ଖଲିପତ୍ର, ପ୍ଲାଷ୍ଟିକ ବୋତଲ ଓ ଅନ୍ୟ ସାମଗ୍ରୀକୁ ଗୋଟାଇ ଗୋଟିଏ ସ୍ଥାନରେ ଏକାଠି କରି ନିଆଁ ଲଗାଇ ଏହି ସ୍ଥାନକୁ ପରିଷ୍କାର କରାଯାଇଥିଲା ଏବଂ ସଫେଇ ବାର୍ତ୍ତା ଦେଇଥିଲେ।

# କୋରାପୁଟର ୧୯ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

କୋରାପୁଟ, ୧୮।୧ (ଅମିତାଭ ବେହେରା)

କୋରାପୁଟ ଜିଲାର ୧୯ ମଣ୍ଡଳ ସଭାପତିଙ୍କ ନାମ ତାଲିକା ଭାଜପା ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡଙ୍ଗୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିଷ୍ପତ୍ତି କ୍ରମେ ଏହି ତାଲିକା ପ୍ରକାଶ ପାଇଛି। କୋରାପୁଟ ନଗର ସଭାପତି ୱାଇ ସତ୍ୟ ନାରାୟଣ, ଜୟପୁରର ଏସ୍. ମନୋଜ କୁମାର, ବୋରିଗୁମାର ବିଘ୍ନେଶ୍ୱର ଷଡଙ୍ଗୀ, ମାଛକୁଣ୍ଡ ଧନେଶ୍ୱର ଖେମୁଣ୍ଡ, କୋଲାବର ମୋହନ ଲାଲ ଅଡାରୀ, କୁନ୍ଦୁରାର ପଦ୍ମନାଭ ବିଷୋୟୀ, ପଟ୍ଟାଙ୍ଗିର ନରସିଂହ ବାଙ୍କା, କୋଟପାଡ଼ ଗିରିଶ ପ୍ରସାଦ ପାଢୀ,ସୁନାବେଢା ଟୁନା ଖରା, ଲମତାପୁଟ ରଞ୍ଜିତା ଖରା, ବୈପାରୀଗୁଡ଼ା ରାଜେନ୍ଦ୍ର କୁମାର ଗୌଡ଼, ଦଶମନ୍ତପୁର ଦିଲିପ ବାଘ, ମହାଦେଇ ପୁଟ ରାମଚନ୍ଦ୍ର ପାତ୍ର, ଗୀର୍ଲ୍ଲା ସୁରେନ୍ଦ୍ର ଗଦବା, ଦିଗାପୁର ଧନପତି ପରଜା, କାକିରିଗୁମା ଶର୍ମା ହିକକା, ଶଶାହଣ୍ଡି ଚକ୍ରଧର ଗଦବା, ପୋଡାଗାଡ଼ ସୀତାରାମ ରାଓ ଏବଂ ନାରାୟଣପାଟଣା ମଣ୍ଡଳ ପାଇଁ କାଶୀନାଥ ହିକକା ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିବାରୁ କୋରାପୁଟ ମଣ୍ଡଳ ପକ୍ଷରୁ ଭାଜପା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ଷଡଙ୍ଗୀ ଓ ରାଜ୍ୟ ସଭାପତି ସାମଲଙ୍କୁ କୃତଜ୍ଞତା ଦିଆଯାଇଛି।

# ପଦ୍ମନାଭ,ଧନପତି ସଭାପତି





କୁନ୍ଦୁରା, ୧୮।୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନରେ ଥିବା କୁନ୍ଦୁରା ଏବଂ ଦିଗାପୁର ମଣ୍ଡଳର ୨ ଯୁବ ନେତାଙ୍କୁ ଭାଜପା ପକ୍ଷରୁ ସଭାପତି ଦାୟିତ୍ୱ ମିଳିଛି। କୁନ୍ଦୁରା ମଣ୍ଡଳ ସଭାପତି ଭାବେ ପଦ୍ମନାଭ ବିଷୋୟୀ, ଦିଗାପୁର ମଣ୍ଡଳରେ ଧନପତି ପରଜାଙ୍କୁ ସଭାପତି ଓ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଅମ୍ବୁ ପାତ୍ରଙ୍କୁ ମଣ୍ଡଳ ପ୍ରତିନିଧି ସହ ଜିଲାସ୍ତରରେ ପ୍ରତିନିଧିତ୍ୱ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ କୋରାପୁଟ ଜିଲା ନିର୍ବାଚନ ଅଧିକାରୀଙ୍କ ଚିଠି ନଂ ୧୦୦/୨୫ରେ ୧୯ ମଣ୍ଡଳର ସଭାପତି ଏବଂ ମଣ୍ଡଳ ପ୍ରତିନିଧି ଦାୟିତ୍ୱ ମିଳିଥିବା ବେଳେ କୁନ୍ଦୁରା ବ୍ଲକ୍‌ର ୩ ବରିଷ୍ଠ ସଂଗଠକଙ୍କୁ ଦାୟିତ୍ୱ ମିଳିଛି। ଏ ନେଇ କୋଟପାଡ଼ ନିର୍ବାଚନ ମଣ୍ଡଳୀର ବରିଷ୍ଠ କର୍ମକର୍ତ୍ତା ବିନାୟକ ଆଚାର୍ଯ୍ୟ, ରାମେଶ୍ୱର ଜେନା, ଉପେନ୍ଦ୍ର ଭଞ୍ଜ, ଭଗବାନ ପଣ୍ଡା, ବଦ୍ରିନାରାୟଣ ଆଚାର୍ଯ୍ୟ, ମିଳନ ପ୍ରଧାନ, ଅଭିଳାଷ ବେହେରା ଓ ତୁଷାର ଭଞ୍ଜ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୧୪ ଦୋକାନୀଙ୍କୁ ନୂତନ ବସ୍‌ଷ୍ଟାଣ୍ଡରେ ଷ୍ଟଲ୍ ଦେବାକୁ ଦାବି



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବିପତ୍ର ଦେବାକୁ ଆସିଥିବା ଦୋକାନୀମାନେ।

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ଜୟପୁର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡରେ ଥିବା ୧୪ ଦୋକାନୀ ନୂତନ ବସ୍‌ଷ୍ଟାଣ୍ଡରେ ଷ୍ଟଲ ଦେବା ପାଇଁ ଦାବି କରି ଜୟପୁର ଉପଜିଲାପାଳ ଓ ଓଏସ୍‌ଆରଟିସିର ଡିଟିଏମ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୪୦ ବର୍ଷ ଊର୍ଦ୍ଧ୍ୱ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡରେ ପେପର ଏଜେନ୍ସି, ହୋଟେଲ, ଚା’ ଦୋକାନ,ପାନ ଦୋକାନ ଓ ମିଠା ଦୋକାନ କରି ରୋଜଗାର କରୁଛନ୍ତି। ନୂତନ ବସ୍‌ଷ୍ଟାଣ୍ଡରୁ ସବୁ ସରକାରୀ ବସ୍ ଚଳାଚଳ କରୁଥିବାରୁ ସେଠାରେ ଷ୍ଟଲ ଦେଲେ ଦୋକାନ କରି ପରିବାର ପ୍ରତିପୋଷଣ କରିବୁ ବୋଲି ଦୋକାନୀମାନେ କହିଛନ୍ତି। ସରକାରୀ ବସ୍‌ଷ୍ଟାଣ୍ଡର ୩୦ ଷ୍ଟଲ ଓ ୨ହୋଟେଲକୁ ଗୋଟିଏ ଦିବ୍ୟାଙ୍ଗ ଓ ଅନ୍ୟ ଏସ୍‌ଏଚ୍‌ଜି ମହିଳାଙ୍କୁ ଟେଣ୍ଡର ମାଧ୍ୟମରେ ଦେବାକୁ ପ୍ରଶାସନ ସ୍ଥିର କରିଛି। ଏ ନେଇ ପୁରୁଣା ବସ୍‌ଷ୍ଟାଣ୍ଡର ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୩୦ ଷ୍ଟଲରୁ ୧୪ ଷ୍ଟଲ ପୁରୁଣା ଦେକାନୀଙ୍କୁ ଦିଆଯାଇ ବଳକା ୧୬ ଷ୍ଟଲକୁ ଟେଣ୍ଡର କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ବୃନ୍ଦାବନ ମହାନ୍ତି, ମନୋଜ କୁମାର ମିଶ୍ର, ବିଘ୍ନରାଜ ପାଣିଗ୍ରାହୀ, ଏମ୍.ରାମା ରାଓ, ହୃଷିକେଶ ବେହେରା, ଶ୍ରୀମନ୍ତିନି ଦୋରା, ସଙ୍କର ବେହେରା, ବିନୋଦ କୁମାର ପାଢି, ଏମ. ମାଲେଶ୍ୱର ରାଓ ଏବଂ ସୁଚିତ୍ରା ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଘରପଟ୍ଟା ଦେବାକୁ ଦାବି

ଜୟପୁର,୧୮।୧ (ପବନ ପାଣିଗ୍ରାହୀ)

ଆବାସ ଯୋଜନାର କାର୍ଯ୍ୟଦେଶରେ ପ୍ରଥମ କିସ୍ତି ପାଇବା ନେଇ ଜୟପୁର ଉପଜିଲାପାଳ ଦ୍ୱାରସ୍ଥ ହୋଇଛନ୍ତି। ଜୟପୁର ସହର ଡଙ୍ଗାଗୁଡାର ସୁକାନ୍ତି ଖରାଙ୍କୁ ଆବାସ ଯୋଜନାର କାର୍ଯ୍ୟଦେଶ ଆସିଥିବା ବେଳେ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ପ୍ରଥମ କିସ୍ତି ଦେବାକୁ ଦାବି ହୋଇଛି। ଏଥିସହ କମଳା ମାଛ ଓ ଶୀତା ଗରଡାଙ୍କୁ ଯୋଗ୍ୟତା ପ୍ରମାଣପତ୍ର ୪ ବର୍ଷ ତଳେ ପ୍ରାପ୍ତ ହୋଇଛି। କିନ୍ତୁ ଏଯାଏ ଘରପଟ୍ଟା ପ୍ରାପ୍ତ ହୋଇନାହିଁ। ଏ ନେଇ ବାରମ୍ବାର ପୌରପାଳିକା କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇ ନ ଥିବା ସୀତା ଓ ସୁକାନ୍ତି ଦାବି କରିଛନ୍ତି।

# କୋରାପୁଟକୁ ଆନ୍ତଃ ପ୍ରବାସୀ ପକ୍ଷୀଙ୍କ ଆଗମନ

ଜୟପୁର,୧୮।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ଆନ୍ତଃ ପ୍ରବାସୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଶନିବାର ଗଣନା କରାଯାଇଛି। ଜିଲାର ବିଭିନ୍ନ ଜଳାଶୟରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। କୋରାପୁଟ ବନଖଣ୍ଡରେ ୬ ରେଞ୍ଜର କୋଲାବ ଡ୍ୟାମ, କେଚେଲା, ଚମ୍ପାଗୁଡା, ରାଣିଗଡ, ଡଙ୍ଗରି ମାଳିଗୁଡା, ବାଗ୍ରା ଓ ଦାମାନେଯାଡ଼ି ଆଶପଣ୍ଡରୁ ଆରମ୍ଭ କରି ଜୟପୁର ବନଖଣ୍ଡ ୬ ରେଞ୍ଜ ଅନ୍ତର୍ଗତ କୋଟପାଡ ରେଞ୍ଜର ଦମୟନ୍ତୀ ସାଗର, ଜୟପୁର ରେଞ୍ଜର ଜଗନ୍ନାଥ ସାଗର, ବୋରିଗୁମ୍ମା ରେଞ୍ଜର ମୁରାନଡ୍ୟାମ ତଥା ଇନ୍ଦ୍ରାବତୀ ରିଜର୍ଭ, ବୈପାରୀଗୁଡ଼ା ରେଞ୍ଜର ରାମଗିରୀ ଜଳାଶୟ ଓ କୁନ୍ଦୁରା ରେଞ୍ଜର ବାଗଦେରି ଜଳାଶୟରେ ବିଦେଶୀ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଜୟବନଖଣ୍ଡ ଅଧିନରେ ଥିବା ବୋରିଗୁମ୍ମା, ବୈପାରିଗୁଡ଼ା, ଜୟପୁର, କୋଟପାଡ, ଗୁପ୍ତେଶ୍ୱର ଓ କୁନ୍ଦୁରା ବନାଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ପକ୍ଷୀ ଗଣନାରେ ଜୟପୁର ଡିଏଫଓ ପ୍ରତାପ ବେହେରା, ବନାଞ୍ଚଳ ଅଧିକାରୀ ସଚ୍ଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ଶଶାଙ୍କ ମହାରଣା, ସୁନିଲ ମହାନ୍ତି, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଫେସର ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଜୟପୁର ବନାଞ୍ଚଳ ୨,୧୮୨ ପକ୍ଷୀ ଗଣତି କରାଯାଇଛି। ପୂର୍ବବର୍ଷ ୫ଶହ୨୬ ପକ୍ଷୀ ଗଣତି କରାଯାଇଥିଲା।



ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଉଛି ।

# ୭ରୁ ୮ କେଜି ଧାନ କାଟିବାକୁ ବାଧ କରୁଛନ୍ତି ମିଲର

## ଚାଷୀ ଅସନ୍ତୋଷ

କୋଟପାଡ଼,୧୮।୧ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ରେ ଧାନ ବିକ୍ରିରେ ଅବ୍ୟବସ୍ଥା ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ମିଲର ଚାଷୀଙ୍କ ଧାନ ପରଖି ଏଫଏକ୍ୟୁ ନ ଥିବା ଦର୍ଶାଇବ ପରେ ସମବାୟ ବିଭାଗର ମଧ୍ୟସ୍ଥତାରେ ମଣ୍ଡିଗୁଡ଼ିକରେ କୁଇଣ୍ଟାଲ ପିଛା ୩ କେଜି କାଟିବାକୁ ଚାଷୀଙ୍କୁ ରାଜି କରାଯାଇଥିଲା। କିନ୍ତୁ ଚାଷୀ ନିଜ ଧାନ ନେଇ ମିଲରେ ପହଞ୍ଚିବା ପରେ ସେଠାରେ ମିଲରମାନେ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପିଛା ୫ରୁ ୬ କେଜି କାଟିବାକୁ କହୁଥିବା ଅଭିଯୋଗ ହୋଇଛି। କେତେକ ମଣ୍ଡିରେ ଚାଷୀଙ୍କ ଧାନ ମିଲର ଉଠାଇ ରସିଦ୍ ମଧ୍ୟ ଦେଇଛନ୍ତି। ଉକ୍ତ ରସିଦ ଧରି ମିଲକୁ ଗଲେ ମାସ ନାହିଁ ବୋଲି କହି ୭ରୁ ୮ କେଜି କାଟିବାକୁ କହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରୁ ଚାଷୀ ଗାଡି ଦ୍ୱାରା ମିଲରେ ଧାନ ପହଞ୍ଚାଇବା ପରେ ମିଲରଙ୍କ କଥାରେ ବାଧ୍ୟ ହୋଇ ରାଜି ହେଉଥିବା ଚାଷୀମାନେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଚଷୀଙ୍କ ଧାନ ଅଧିକାଂଶ ମଣ୍ଡିରେ ଆସିନାହିଁ। କିନ୍ତୁ ଏହି ଅଞ୍ଚଳର ଟାର୍ଗେଟ ଫୁଲ ହେବା ପାଖାପାଖି ଧାନ କିଣାଯାଇଥିବା ସମବାୟ ବିଭାଗ ଦର୍ଶାଉଛି। ମୋଟ ୨,୮୬,୫୪୫ କୁଇଣ୍ଟାଲ ଧାନ କିଣାଯାଇଥିବା ବିଭାଗ ଦର୍ଶାଇଛି। ଏଥିରୁ କୋଟପାଡ଼ ମଣ୍ଡିରେ ୫୦,୮୮୫, କୁସୁମୀରେ ୪୦,୩୬୨,ବତାଶନାରେ ୩୧,୫୩୨, ବୋବେୟାରେ ୪୨,୪୯୬,ଚାନ୍ଦିଲିରେ ୧୭,୮୪୯,ଡଙ୍ଗରିରେ ୨୪,୮୬୪, ଏସବି ନୂଆଗାଁରେ ୩୧,୨୯୪, ଚିତ୍ରାରେ ୨୩,୧୫୦,ଏବଂ ଷୋଡରଙ୍ଗରେ ୧୫,୮୧୫ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡିଛି। କୋଟପାଡ଼ ବ୍ଲକ୍‌ରେ ୩ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାନ କିଣିବାକୁ ଜିଲା ପ୍ରଶାସନ ନିଷ୍ପତି ନେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨,୮୬,୫୪୫, କୁଇଣ୍ଟାଲ ଧାନ କିଣାଯାଇଛି। ଏହି ବ୍ଲକ ଓ ସହରାଞ୍ଚଳର ୯ ସ୍ଥାନରେ ଧାନମଣ୍ଡି ସପ୍ତାହିକ ବିଭିନ୍ନ ଦିନରେ ଅନୁଷ୍ଠିତ ହେଉଛି। ସେଥିରୁ କୋଟପାଡ଼, କୁସୁମୀ, ଚିତ୍ରା, ବୋବେୟା, ଏସବି ନୂଆଗାଁ, ବତାଶନା, ଚାନ୍ଦିଲି, ଡଙ୍ଗରି,ଷୋଡରଙ୍ଗା ମଣ୍ଡିରେ ଚାଷୀ ଧାନ ଆଣି ଗଚ୍ଛିତ କଲା ପରେ ପ୍ରଶାସନ ପକ୍ଷରୁ ଧାନ କିଣାଯାଉଛି। ରାଜ୍ୟ ସରକାର ମଣ୍ଡି ଆରମ୍ଭ ପୂର୍ବରୁ ମଣ୍ଡିରେ କଟନୀଛଟନୀ ହେବ ନାହିଁ ବୋଲି ଘୋଷଣା କରିବା ସହ କୌଣସି ମିଲର କଟନୀଛଟନୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ମଣ୍ଡଗୁଡ଼ିକରେ ଚାଷୀ ଧାନ ଆଣି ଜମା କଲାପରେ ପ୍ରଶାସନ ପକ୍ଷରୁ ଏଫଏକ୍ୟୁ ଧାନ ଯାଞ୍ଚ କରିବା ପାଇଁ ମେସିନ୍ ଲଗାଇଥିଲେ। କିନ୍ତୁ ଉକ୍ତ ମେସିନରେ ଚାଷୀଙ୍କ ଧାନ ଯାଞ୍ଚ ନ କରି ମିଲରଙ୍କ ସହାୟତାରେ ଧାନ କିଣା ଆରମ୍ଭ ହେଇଥିବା ଜଣାପଡିଛି। ସମବାୟ ବିଭାଗ ଚାଷୀଙ୍କ ଧାନ କିଣିବା ପାଇଁ ମିଲରମାନଙ୍କର ସହାୟତା ନେଇଛି। ଏହି ଅଞ୍ଚଳର ମଣ୍ଡିରେ ପ୍ରଶାସନ ପକ୍ଷରୁ ଯେଉଁ କର୍ମଚାରୀଙ୍କୁ ମଣ୍ଡି ପରିଚାଳନା ଦାୟିତ୍ୱ ଦିଆଯାଇଛି ସେମାନେ ଅନୁପସ୍ଥିତ ରହୁଥିବା ଚାଷୀ କହୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଚାଷୀ ଅଭିଯୋଗ କରୁଥିବା ବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଖିଳ ଭାରତୀୟ ଭତ୍ରା ବିକାଶ ପରିଷଦ ଦାବି କରିଛି।

ଏ ସମ୍ପର୍କରେ ସିଏସ୍‌ଓ ସର୍ବେଶ୍ୱର ନାୟକଙ୍କୁ ଯୋଗାଯୋଗ କରିବାରୁ ସବୁ ମିଲରେ ମାସ ଅଛି, କେଉଁ ମିଲରେ ମାସ ନ ଥିବା କହୁଛନ୍ତି ଏବଂ କାହିଁକି ୭ରୁ ୮ କେଜି କାଟିବାକୁ କହୁଛନ୍ତି ନାମ କୁହନ୍ତୁ ବୋଲି କହିଥିଲେ।

# ବାଳିକା ଶିକ୍ଷାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ

## ନବରଙ୍ଗପୁରରେ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ

ନବରଙ୍ଗପୁର, ୧୮।୧(ସଦାଶିବ ପ୍ରହରାଜ)

ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ସପ୍ତାହ ପାଳନ ଅବସରରେ ଆଇଏସ୍ଆର୍‌ଡି ୱାନଷ୍ଟପ ସେଣ୍ଟର ପକ୍ଷରୁ ଶନିବାର ନବରଙ୍ଗପୁର ଟେକ୍ନୋ ଗୁରୁକୁଳ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଝିଅ ମାନଙ୍କର ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ହିଁ ସରକାରଙ୍କ ଲକ୍ଷ୍ୟ। ସମସ୍ତ କିଶୋରୀ କୌଶଳ ଭିତ୍ତିକ ଶିକ୍ଷା ମାଧ୍ୟମରେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ନିଜ ଉପରେ ହେଉଥିବା ହିଂସାର ପ୍ରତିବାଦ କରିବା ପାଇଁ ମାନସିକ ଭାବେ ସୁଦୃଢ଼ ରହିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଶିଶୁ କନ୍ୟା ଦିବସର ବାର୍ତ୍ତା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାଳିକାମାନଙ୍କର ସଶକ୍ତିକରଣ ହେବା ଜରୁରୀ ବୋଲି କୁହାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପୁଅ ମାନଙ୍କଠାରୁ ଝିଅମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ନବରଙ୍ଗପୁରରେ ପୁରୁଷଙ୍କ ଅନୁପାତରେରେ ମହିଳା ମାନଙ୍କ ସଂଖ୍ୟା ଅଧିକ। ସମାଜରେ ରକ୍ଷଣଶୀଳ ମନୋଭାବ ଓ ଝିଅମାନଙ୍କ ଦୃଷ୍ଟି କୋଣରେ ସେମାନଙ୍କୁ ପଛରେ ବୋଲି କୁହାଯାଉଛି। ସମୟରେ ପରିବର୍ତ୍ତନ ଆସିଛି। ମିଳିମିଶି ବାଳିକା ଶିକ୍ଷାକୁ ସୁନିଶ୍ଚିତ କରିବାକୁ ପଡ଼ିବ ବୋଲି ଅତିରିକ୍ତ ଜିଲାପାଳ ମହେଶ୍ୱ ନାୟକ କହିଛନ୍ତି। ମା' ବାପା ଓ ଶିକ୍ଷକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଯୋଗଦେଇ ସମାଜରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କ ତ୍ୟାଗକୁ ମନେ ପକାଇ ଥିଲେ। ଝିଅ ଜନ୍ମ ହେଲେ ଟେନସନ ନ ହେବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପରାମର୍ଶ ଦେଇଥିଲେ। ଗୋଟିଏ ଝିଅ ଦଶଟି ପୁଅ ସହିତ ସମାନ ବୋଲି ସେ ମତବ୍ୟକ୍ତ କରିବା ସହ ଦିବ୍ୟାଙ୍ଗ କନ୍ୟାଙ୍କ ପାଇଁ ଥିବା ସରକାରୀ ସୁବିଧା ଉପରେ ସୂଚନା ଦେଇଥିଲେ। ଆକ୍ସନଏଡ ଜିଲା ପରାମର୍ଶ ଦାତା ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଜିଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ମନୋରମା ମାଝି , ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ ସଂଗ୍ରାମ ନାୟକ, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ , କିଶୋରୀ ପଟ୍ଟନାୟକ, ସ୍ମରଣିକା ପଟ୍ଟନାୟକ, ସୁମିତା ଗରଡ଼ା, ଯଶମିନୀ ନାୟକ ଓ ସ୍ୱର୍ଣ୍ଣଲତା ବାଘ, ଡିସେମ୍ବର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ମହିଳାଙ୍କ ସମସ୍ୟା, ସମସ୍ୟାର ଦୃଢ଼ ମୁକାବିଲା କରି ଆଗକୁ ଚାଲିବାକୁ କିଶୋରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେମାନଙ୍କ ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା, ସମସ୍ତ ଶିଶୁ କନ୍ୟା ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଜିଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଭାଗୀୟ ଅଧିକାରୀଙ୍କୁ ନେଇ ଏକାଭିମୁଖୀ ବୈଠକ


ବୈଠକରେ ଅଧିକାରୀ ଓ ଅନ୍ୟମାନେ ।

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଶନିବାର ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସିଡିଏସ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଜଳ ଓ ପରିମଳ, ସମାଜ କଲ୍ୟାଣ, ଉଦ୍ୟାନ, ଖାଦ୍ୟ ସୁରକ୍ଷା, ବନ ବିଭାଗ, ବିଦ୍ୟୁତ୍, ଜଳସେଚନ, ଯୋଗାଯୋଗ ବିଭାଗରେ ଚାଲିଥିବା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ବୈଠକରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ୍ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବିଶଙ୍କର ପଣ୍ଡା, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ନିରୋଜ ମଲ୍ଲିକ, ଏବିଇଓ ସନ୍ତୋଷ କୁମାର ସାହୁ, ଆକାଂକ୍ଷା ବ୍ଲକ୍ ସହଭାଗୀ ମୋନାଲ ପରିଡ଼ା, ବିପିସି ଯୋଗେନ୍ଦ୍ର ମାଝି, ବନରକ୍ଷୀ ଅନିତା ହିଆଲ, ଏସିଡିଓ ଟଭା ଭତ୍ରା, ପଞ୍ଚାୟତ ଅଧୀନ ସମସ୍ତ ସ୍ୱାସ୍ଥ୍ୟକର୍ମୀ(ମହିଳା), ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜେଏନ୍‌ଭି ପ୍ରବେଶିକା ପରୀକ୍ଷା

ତେନ୍ତୁଳିଖୁଣ୍ଟି, ୧୮।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଜବହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶନିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ମୋଟ ୫୧୦ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୩୧୨ ମଧ୍ୟରୁ ୨୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୫୧ ଜଣ ଅନୁପସ୍ଥିତ ଥିଲେ। ସେହିଭଳି ବାପୁଜି ହାଇସ୍କୁଲରେ୧୯୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୭ ଜଣ ପରୀକ୍ଷା ଦେଇଥିଲେ। ୨୧ ଜଣ ଅନୁପସ୍ଥିତ ଥିଲେ। ବ୍ଲକର ମୋଟ ୫୧୦ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ ୭୨ ଜଣ ୨ ପରୀକ୍ଷାକେନ୍ଦ୍ରରେ ଅନୁପସ୍ଥିତ ଥିଲେ।

### ପ୍ରବେଶିକା ପରୀକ୍ଷାରେ ୨୪ ଅନୁପସ୍ଥିତ

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ପାଇଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୪୦ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକୃତ କରିଥିଲେ। ୨୨୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୪ ଜଣ ଅନୁପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ସାମନ୍ତରାୟ ସୁପରିଣ୍ଟେଣ୍ଡେଣ୍ଟ, ୧୧ ଜଣ ଇନଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ସେହିପରି ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ପାଇଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୯୧ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ୧୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୧୦ ଜଣ ଅନୁପସ୍ଥିତ ଥିଲେ। ଏଥିରେ ସୁପରିଣ୍ଟେଣ୍ଡେଣ୍ଟଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ରହିଥିଲେ। ୯ ଜଣ ଇନଭିଜିଲେଟର ପରୀକ୍ଷା ଦାୟିତ୍ୱରେ ଥିଲେ। ଡାବୁଗାଁ ଏବିଇଓ ଭଗବାନ ମାଝି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ।

### ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ଛାତ୍ରୀଛାତ୍ର

କୋରୁକୋଣ୍ଡା, ୧୮।୧(ଶିବଦତ୍ତ ସାହୁ )

ବାଲିମେଳା ସହରରେ ଥିବା ଜବାହାର ନବୋଦୟ-୨ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ଶନିବାର ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଜିଲାର ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ଚାରୋଟି ବ୍ଲକର ୨୪ପରୀକ୍ଷା କେନ୍ଦ୍ରରେ ୪୦୪୦ ଛାତ୍ରୀ ଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। କୋରୁକୋଣ୍ଡା ବ୍ଲକ ବାଲିମେଳାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେଏନ୍‌ଭି-୨, ନୀଳାଦ୍ରୀନଗର ଉଚ୍ଚ ବିଦ୍ୟାଳୟ, ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ,କୋରୁକୋଣ୍ଡାର ସ୍ୱାମୀ ସଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଏମ୍‌ଭି-୬ ବିଦ୍ୟାଳୟ ୮ ପରୀକ୍ଷା କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। କେତେ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ କେତେକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

# ଦୁର୍ନୀତିର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା


ଧାରଣାରେ ବସିଥିବା ସାମାଜିକ କର୍ମୀ।

ଚନ୍ଦାହାଣ୍ଡି, ୧୮।୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡା ଜୁନିୟର ମହାବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟରେ ବିଭିନ୍ନ ଦୁର୍ନୀତି ଅଭିଯୋଗ କରି କଲେଜ ଗେଟ ସମ୍ମୁଖରେ କିଛି ସାମାଜିକ କର୍ମୀମାନେ ଧାରଣାରେ ବସିଛନ୍ତି। ୮ ଦିନ ପର୍ଯ୍ୟନ୍ତ ସକାଳ ୬ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ପ୍ରତୀକ ଧାରଣା ଦିଆଯିବ। ଏ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ହଙ୍ଗର ଷ୍ଟ୍ରାଇକ୍ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ଉପଯୁକ୍ତ ତଦନ୍ତ କରି ଉଚିତ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସାମାଜିକ କର୍ମୀ ଶେଷମଳ ହରିପାଳ କହିଛନ୍ତି। ୮ ଦଫା ଦାବିପତ୍ର ପୁସ୍ତିକା ବଣ୍ଟନ କରିଛନ୍ତି କରାଯାଇଛି।

ଏଥିରେ ଯୁକ୍ତ ୨ ଏବଂ ଯୁକ୍ତ ୩ ରେ ୨୦୧୧ ପର୍ଯ୍ୟନ୍ତ ସମସ୍ତ ଅନୁଦାନ ଆର୍ଥିକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା, ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ଦିଆ ଯାଇଥିବା କର୍ମଚାରୀଙ୍କ ସଠିକ ଯାଞ୍ଚ, ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଅର୍ଥର ଅପବ୍ୟବହାର ଯାଞ୍ଚ, +୩ ଅର୍ଥନୀତି ଅଧ୍ୟାପକଙ୍କ ଦୀର୍ଘଦିନ ଅନୁପସ୍ଥିତ ତାଙ୍କ ଦରମା ଉଠା ଯାଉଛି ନା ନାହିଁ ତାର ତଦନ୍ତ କରିବାକୁ ଦାବି ହୋଇଛି। ୫-ଟି ଦୁର୍ନୀତି, ନବୀନ ଓଡ଼ିଶା ଏବଂ ନୂଆ ଓଡ଼ିଶାର ଆର୍ଥିକ ଦୁର୍ନୀତିର ତଦନ୍ତ, ବାଳିକା ଅନ୍ତେବାସ ଖୋଲିବା, ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ପାସ କରାଇ ଦେବା ନିମନ୍ତେ ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କଠାରୁ ଅର୍ଥ ସଂଗ୍ରହ କରୁଛନ୍ତି। ଏହାକୁ ବନ୍ଦ କରିବାକୁ ଦାବି ହୋଇଛି। ଏ ସମ୍ପର୍କ ରେ ଯୁକ୍ତ ୨ ଅଧ୍ୟକ୍ଷ ନଳିନୀ କୁମାର ଦାସ, ଯୁକ୍ତ ୩ ଅଧ୍ୟକ୍ଷ ଦ୍ୱାରିକା ନାଥ ବାଗଙ୍କୁ ପଚାରିବାରୁ ଅର୍ଥ ଆଦାୟ ଘଟଣାକୁ ସେମାନେ ଅସ୍ୱୀକାର କରିଥିଲେ। ୩ ଅର୍ଥନୀତି ଅଧ୍ୟାପକ କଲେଜରେ ରହିଛନ୍ତି । ଉପଜିଲାପାଳ ନିଯୁକ୍ତି କମିଟିର ମୁଖ୍ୟ। କଲେଜ ଅଧ୍ୟକ୍ଷ ନିଯୁକ୍ତି ଦେଉ ନାହାନ୍ତି। କିମ୍ବା ଏଠାରେ କୌଣସି ଅନୁଦାନ ଅର୍ଥ ହେରଫେର କରଯାଉ ନାହିଁ। ଏହା କଲେଜକୁ ବଦନାମ କରିବାର ଏକ ଷଡ଼ଯନ୍ତ୍ର ବୋଲି ସେମାନେ ମତ ଦେଇଛନ୍ତି। ସାମାଜିକ କର୍ମୀ ଅଭୟ ଭୋଇ, ଡମ୍ବରୁଧର ହେରନା, ଥବିର ଜାଲ, ଗଜେନ୍ଦ୍ର କୁମାର ନାୟକ, ଯାଦବ ଗୋପାଳ, ମାଲଖମ ଜଗତ ପ୍ରମୁଖ ସାମିଲ ଅନଶନରେ ବସିଛନ୍ତି। ଏହାର ଉପଯୁକ୍ତ ତଦନ୍ତ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସେମାନେ ମତ ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମା ନର୍ସରିସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଚାଲିଥିବା ୨ ଦିନିଆ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଡାବୁଗାଁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବିଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସହକାରୀ ପ୍ରାଣୀ ଚିକିତ୍ସକ ଡା. ଏଲ୍. ଲୋକନାଥ ରେଡ୍ଡୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ନିରୋଜ ମଲ୍ଲିକ, ମେଦନା ପୂର୍ବତନ ସରପଞ୍ଚ ହିରଣ୍ୟ ମାଝି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଛତୁଚାଷ ମିଶନ, ଫୁଲଚାଷ ମିଶନରେ ସାମିଲ ହେବା, ମସଲା ଉନ୍ନୟନ, ଉଦ୍ୟାନ କୃଷିକ୍ଷେତ୍ରରେ ମହିଳାଙ୍କୁ ଅଧିକ ସଶକ୍ତ କରିବା ପାଇଁ ଲଙ୍କା, ଧନିଆ, ଅଦା



ଓ ହଳଦୀ ଚାଷ, ମେଥିଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସଙ୍କର ଜାତୀୟ ପନିପରିବା ଚାଷରେ ସହାୟତା, ଆଳୁ ଓ ପିଆଜ ଚାଷରେ ସହାୟତା, ଅମଳ ପରବର୍ତ୍ତୀ ପରିଚାଳନା ଓ ବିକ୍ରୟ ସହାୟତା, ସ୍ୱତନ୍ତ୍ର ଫଳଚାଷ ଯୋଜନା, ମହୁମାଛି ପାଳନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହିତାଧିକାରୀଙ୍କ ଜମିରେ ଫଳଚାଷ ପାଇଁ ସରକାରୀ ସହାୟତା ପାଇବା ଉପରେ ଆଲୋଚନା କରଯାଇଥିଲା। ଉଦ୍ୟାନ, କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନେ ଚାଷୀମାନଙ୍କୁ ବୁଝାଇଥିଲେ। ଏସ୍‌ଏଚ୍‌ଜି ମହିଳା ଓ ଚାଷୀମାନେ ଯୋଗଦେଇଥିଲେ।

# ପର୍ଯ୍ୟାପ୍ତ ଜଳ ପଞ୍ଚାୟତ ଉପରେ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ପର୍ଯ୍ୟାପ୍ତ ଜଳ ପଞ୍ଚାୟତ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣିର ବ୍ୟବହାର, ଜଳ ସଂରକ୍ଷଣ, ଜଳ ଓ ପରିମଳ ପରିଚାଳନା କମିଟି, ଉପଭୋକ୍ତା କମିଟି, ଜଳର ମାନ ପରୀକ୍ଷଣ ଉପରେ ତାଲିମ ଦିଆଯାଇଥିଲା। ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରୋହିତ କିଷାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବିଆର୍‌ସି ରଞ୍ଜନ ମହାକୁଡ, ଆକାଂକ୍ଷା ବ୍ଲକ୍ ସହଭାଗୀ ମୋନାଲ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼, ସମସ୍ତ ସରପଞ୍ଚ, ସମସ୍ତ ସ୍ୱାବଲମ୍ବୀ କାରିଗର, ପମ୍ପ ଡ୍ରାଇଭର, ଅଙ୍ଗନୱାଡି କର୍ମୀ, ଏସିଡିଓ, ଏମ୍‌ବିକେ ଓ ସିଆର୍‌ପିମାନେ ତାଲିମ ନେଇଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।

# ନାହିଁ ଅତିଥି ଭବନ, ସୁଲଭ ଶୌଚାଳୟ

## ତେନ୍ତୁଳିଖୁଣ୍ଟି ବ୍ଲକ

ତେନ୍ତୁଳିଖୁଣ୍ଟି, ୧୮।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଦର୍ଶନୀୟ ସ୍ଥାନ ସାଙ୍ଗକୁ ରହିଛି ଇନ୍ଦ୍ରାବତୀ ଜଳଭଣ୍ଡାର। ଏଠାରେ ବର୍ଷସାରା ନବରଙ୍ଗପୁର, ଆଖପାଖ ଜିଲା ସହିତ ପଡୋଶୀ ଛତିଶଗଡ଼ ରାଜ୍ୟର ଲୋକେ ବୁଲାବୁଲି, ଭୋଜି କରିବାକୁ ଆସିଥାଆନ୍ତି। କିନ୍ତୁ ଏଠାରେ ପର୍ଯ୍ୟଟକଙ୍କ ପାଇଁ ଅତିଥି ଭବନ ଓ ଗେଷ୍ଟ ହାଉସ୍ ନାହିଁ। ନବରଙ୍ଗପୁର ସଦର ମହକୁମାଠାରୁ ତେନ୍ତୁଳିଖୁଣ୍ଟି ଦୀର୍ଘ ୨୫ କିମି ରାସ୍ତାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ପୁଣି ତେନ୍ତୁଳିଖୁଣ୍ଟିରୁ ଇନ୍ଦ୍ରାବତୀ ୧୦ କିମି ଦୂରତାରେ ମଧ୍ୟ ଅନୁରୂପ ଅବସ୍ଥା। ଖାତିଗୁଡ଼ାଠାରେ ପ୍ରକଳ୍ପର ବଙ୍ଗଳା ରହିଛି। କିନ୍ତୁ ଅବ୍ୟବସ୍ଥା ହେତୁ ତାହା ଯାତ୍ରୀ ରହିବା ଅନୁପଯୋଗୀ। ଏପରି ସ୍ଥିତିରେ ସରକାର, ଜିଲା ପ୍ରଶାସନ ତେନ୍ତୁଳିଖୁଣ୍ଟି ଅଞ୍ଚଳରେ ଆସୁଥିବା ପର୍ଯ୍ୟଟକ, ସରକାରୀ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ପାଇଁ ଏକ ପଥପ୍ରାନ୍ତ ସେବା କେନ୍ଦ୍ର କିମ୍ବା ବଙ୍ଗଳା ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ସର୍ବଭାରତୀୟ ସ୍ତରରେ ଆକାଂକ୍ଷା ବ୍ଲକଭାବେ ୨ୟ ସ୍ଥାନ ଅଧିକାର କରିଥିବାବେଳେ ପର୍ଯ୍ୟଟକ, ସରକାରୀ ଅଧିକାରୀ, ରାଜନେତାଙ୍କ ରହିବାର ବ୍ୟବସ୍ଥା ନ ଥିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ କହିଛନ୍ତି।

# ୨୦ରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା

## ଜୋର ଧରିଲା ବିଡିଓ ନିଯୁକ୍ତି ଦାବି

ଉମରକୋଟ,୧୮।୧(ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ବିଡିଓ ପଦବୀ ପୂରଣ ଦାବି ଜୋର ଧରିଛି। ଦାବୀ ପୂରଣରେ ସରକାର ବିଫଳ ହୋଇଛନ୍ତି। ପୂର୍ବରୁ ଧାରଣା ସମୟରେ ୧୦ ତାରିଖ ସୁଦ୍ଧା ବିଡିଓ ନିଯୁକ୍ତି ଦିଆଯିବା ନେଇ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ତାହା ପୂରଣ ହୋଇପାରିନି। ତେଣୁ ୨୦ ତାରିଖରୁ ପୁଣି କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ବ୍ଲକ ଅଧକ୍ଷା ସୁଶୀଳା ମାଝି ଚେତାବନୀ ଦେଇଛନ୍ତି।

ଖାଲି ପଡ଼ିଥିବା ବିଡିଓ ପଦବୀ ପୂରଣ ଦାବିରେ ଗତ ୬ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଦୀର୍ଘ ଦିନ ହେବ ଏହି ପଦବୀ ଖାଲି ଥିବାରୁ ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ସୁଶୀଳା ମାଝିଙ୍କ ସମେତ ଅନ୍ୟ ଲୋକ ପ୍ରତିନିଧିମାନେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ୧୦ ତାରିଖ ସୁଦ୍ଧା ନୂତନ ସ୍ଥାୟୀ ବିଡିଓ ନିଯୁକ୍ତି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ବିଡିଓ ନିଯୁକ୍ତି ହୋଇନାହାନ୍ତି। ୨୦ରୁ ବରିଷ୍ଠ ବିଜେଡି ନେତା ଦେବୀସିଂ ମାଝିଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଚାଲିବ ବୋଲି ସୂଚନା ମିଳିଛି।

# ଆୟୁର୍ବେଦ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ଦାବି

ତେନ୍ତୁଳିଖୁଣ୍ଟି, ୧୮।୧(ଚିଦାନନ୍ଦ ସାହୁ)

ସାଧାରଣ ଲୋକଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଭଳି ମୌଳିକ ବ୍ୟବସ୍ଥା ଗ୍ରାମାଞ୍ଚଳରେ କରାଯାଇଛି। ହେଲେ ଡାକ୍ତରଙ୍କ ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବାଧା ପାଉଛି। ତେନ୍ତୁଳିଖୁଣ୍ଟି ବ୍ଲକ ଉପାନ୍ତ କଣ୍ଟାଗାଁ ପଞ୍ଚାୟତବାସୀଙ୍କ କ୍ଷେତ୍ରରେ ଏଭଳି ଅସୁବିଧା ହେଉଛି। ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୨୪ ସେପ୍ଟେମ୍ବର ୧୯୮୮ରେ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ କରାଯାଇଥିଲା। ଉକ୍ତ ଡାକ୍ତରଖାନା ଉପରେ କଣ୍ଟାଗାଁ, ପାତ୍ରପୁଟ, ଅମଳାଭଟ୍ଟା, ଝରିଗୁମ୍ମା, କାମତା ପଞ୍ଚାୟତର ଶତାଧିକ ଛୋଟ ବଡ ଗ୍ରାମ ଓ ପଡୋଶୀ କଳାହାଣ୍ଡି ଜିଲାର ଲୋକ ନିର୍ଭର କରୁଥିଲେ। କିନ୍ତୁ ବର୍ଷେ ହେବ ଏହି ଆୟୁର୍ବେଦ ଚିକିତ୍ସାଳୟ ଡାକ୍ତର ଅବସର ନେବାପରେ ଏଠାରେ କେବଳ ଆଟେଣ୍ଡାଣ୍ଟ ରହିଛନ୍ତି। ଡାକ୍ତରଖାନା ଖୋଲାଯାଉଥିଲେ ବି ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଔଷଧ ଦେବା ନିୟମ ନ ଥିବାରୁ ବର୍ତ୍ତମାନ ଚିକିତ୍ସାଳୟ କାର୍ଯ୍ୟରେ ଲାଗୁନି। ଆୟୁର୍ବେଦୀୟ ଚିକିତ୍ସା ପ୍ରତି ସ୍ଥାନୀୟ ଲୋକଙ୍କ ଆସ୍ଥା,ବିଶ୍ୱାସ ଓ ଅଭ୍ୟସ୍ତ ରହିଥିବା ବେଳେ ବର୍ତ୍ତମାନ ଉକ୍ତ ଚିକିତ୍ସା ଆଉ ପାଇପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ଡାକ୍ତର ନିଯୁକ୍ତି ଦାବି କରାଯାଇଛି। ଦାବି କିନ୍ତୁ ପୂରଣ ହେଉନି। ସାଧାରଣ ଚିକିତ୍ସା ପାଇଁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ହେଲେ ନବରଙ୍ଗପୁର ଜିଲା ମୁଖ୍ୟ ଚକିତ୍ସାଳୟରେ ଉପରେ ନିର୍ଭର କରିବାକୁ ପଡୁଛି ବୋଲି କହିଛନ୍ତି। ବିଧାୟକ ଗୌରିଶଙ୍କର ମାଝି ଦାବି ପୂରଣ ଦିଗରେ ଦୃଷ୍ଟି ଦେବାକୁ ଲୋକେ ନିବେଦନ କରିଛନ୍ତି।

# ସଚେତନତା ଶୋଭାଯାତ୍ରା ସହ କରାଯିବ ଶପଥପାଠ ଉତ୍ସବ

## ରାଷ୍ଟ୍ରୀୟ ମତଦାତା ଦିବସ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)

ଆସନ୍ତା ୨୫ରେ ହେବାକୁ ଥିବା ରାଷ୍ଟ୍ରୀୟ ମତଦାତା ଦିବସ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ନବରଙ୍ଗପୁରସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍, ଡେପୁଟି କଲେକ୍ଟର ମୀରା ନାୟକ ଉପସ୍ଥିତ ଥିଲେ। ମତଦାତା ଦିବସରେ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବ୍ଲକ୍ ଓ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ନୂଆ ପଞ୍ଜୀକୃତ ଭୋଟରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଭୋଟର ସଚେତନତା କାର୍ଯ୍ୟକ୍ରମ ସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯିବ। ୨୫ ତାରିଖରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଭୋଟର ସଚେତନତା ଶୋଭାଯାତ୍ରା ବାହାରିବ। ଏଥିରେ ସ୍ଥାନୀୟ ସ୍କୁଲ କଲେଜର ଛାତ୍ରୀଛାତ୍ର,ଏନ୍‌ସିସି, ସ୍କାଉଟ ଗାଇଡ, ନେହେରୁ ଯୁବକେନ୍ଦ୍ର ସଭ୍ୟ, ସରକାରୀ ଅଧିକାରୀ, ମୁଁ ବି ମିତାର ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟମାନେ ଯୋଗଦେବେ। ଶୋଭାଯାତ୍ରା ମିଶନ ଶକ୍ତି ସମ୍ମିଳନୀ ଗୃହରେ ପହଞ୍ଚିବା ପରେ ଏବଂ ସେଠାରେ ଶପଥ ପାଠ, ସଭା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ବିଭିନ୍ନ କଲେଜ କର୍ମକର୍ତ୍ତା, ଡିଇଓ ଛତ୍ରପତି ସାହୁ, ଡିପିଏମ (ଏନ୍‌ଏଚ୍‌ଏମ) ସୁଶାନ୍ତ କୁମାର ପ୍ରହରାଜ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ବିଭିନ୍ନ ବ୍ଲକ୍‌ର ବିଡିଓ, ବିଭାଗୀୟ ଅଧିକାରୀଙ୍କ ସମେତ ନିର୍ବାଚନ ଶାଖା କର୍ମଚାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ପି. ମନସ୍ୱିତା ବୈଠକ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

